ନିଜ ଦେଶ ଘ'ର ମନେ ପଡେ

କେଉଁ କାରଣରୁ ପଳାଇଛି ଯେବେ
ଉଡ଼ି ଚାଲିଯାଏ ବହୁ ଦୂର ।
ହୃଦୟ ଆଖିରେ ନାଚି ଉଠୁଥାଏ
ଛବି ଘ ପୁରୁଣା ସମୟର ॥

ନୂଆ ଗଛଟିଏ ଖୋଜିଛି ସେ
ନୂଆ ସାଥୀଟିଏ ବାନ୍ଧିଛି ସେ
ନୂଆ ଆଶା ସବୁ ଭଲ ଲାଗେ
ମନକୁ ସାନ୍ତ୍ୱନା ଦେଉଛି ସେ ॥

ନୂଆ ପରିବେଶ ନୂଆ ଜଳବାୟୁ
ଉତ୍ସାହ ଆଣୁଛି ସବୁ ନୂଆଦିନଟା ।
ନୂଆ ସକାଳରେ ଜାଗି ସେ ଭାବୁଛି
ଏଇ କଣ ମୋର ଆପଣାର ଜାଗା ॥

କର୍ମ ବ୍ୟସ୍ତତାରେ ଉଡ଼ି ଉଡ଼ି ବୁଲେ
ଏମିତି ତ ଦିନ ଯାଏ ବିତି ।
ସଂସାର ଚାପରେ ଥକାହାରା ହୋଇ
ପିଲାଦିନ କଥା ଭାବେ ନିତି ॥

ରାତ୍ରି ଅନ୍ଧକାରେ ଚନ୍ଦ୍ରମା କହୁଛି
ବିଦେଶୀ ସହର ନିଦ୍ରାହୀନ ସ୍ୱପ୍ନ
ସକାଳ ଆସିଲେ ସୂରୁଜ ଉଇଁଲେ
ଫେରି ଉଡ଼ିଯିବ ଘର ନିଜ ଦେଶ ॥

Written By: Dr. Subhankar Bedanta
Applied Physics Laboratory
Universität Duisburg-Essen
D-47048 Duisburg
Germany